EQUIFAX

sidbi

# ମାଇକ୍ରୋଫାଇନାନ୍ସ ପଲ୍ସ ରିପୋର୍ଟ

ସଂସ୍କରଣ16 – ଜୁନ୍ 2023



# ବିଶ୍ଳେଷଣାତ୍ମକ ଠିକଣା

## ଇକ୍ୱିଫ୍ୟାକ୍ସ


କିରଣ ସମୁଦ୍ରାଲା
ମୁଖ୍ୟ – ତଥ୍ୟ ବିଶ୍ଳେଷଣ
kiran.samudrala@equifax.com

ଶ୍ରୁତି ଯୋଶୀ
ମୁଖ୍ୟ – ଅନ୍ତର୍ଦୃଷ୍ଟି ଓ ବିଶ୍ଳେଷଣ
shruti.joshi@equifax.com

ବନ୍ଦନା ପାଞ୍ଚାଲ
ସହାୟକ ପ୍ରବନ୍ଧକ – ଅନ୍ତର୍ଦୃଷ୍ଟି ଓ ବିଶ୍ଳେଷଣ
vandana.panchal@equifax.com

ରୀମା ପାଶୱାନ
ତଥ୍ୟ ବିଜ୍ଞାନୀ – ଅନ୍ତର୍ଦୃଷ୍ଟି ଓ ବିଶ୍ଳେଷଣ
reema.paswan@equifax.com


## ଏସଆଇଡିବିଆଇ


ସଞ୍ଜୟ ଜୈନ
ସିଜିଏମ- ଇଆରଡିଏଭି
erdav@sidbi.in

ଚାନ୍ଦ କୁରୀଲ
ଜିଏମ-ଇଆରଡିଏଭି
erdav@sidbi.in

ସୋହମ ନାଗ
ଇଜିଏମ-ଇଆରଡିଏଭି
erdav@sidbi.in

ବନ୍ଦିତା ଶ୍ରୀବାସ୍ତବ
ଏମ-ଇଆରଡିଏଭି
erdav@sidbi.in

# ସୂଚୀପତ୍ର


| | |
|---|---|
| କାର୍ଯ୍ୟକାରୀ ସାରାଂଶ | 4 |
| ସଂକ୍ଷିପ୍ତ ଅକ୍ଷର ଓ ଶବ୍ଦାବଳୀ | 5 |
| ମାଇକ୍ରୋଫାଇନାନ୍ସ ଉଦ୍ୟୋଗ ଅବଲୋକନ | 6 |
| ବିତରଣ ଧାରା | ୦9 |
| ଉଦ୍ୟୋଗ ବିପତ୍ତି ସ୍ଥିତି | 12 |
| ଭୌଗୋଳିକ ଉନ୍ମୁକ୍ତତା | 14 |
| ମହତାକାଂକ୍ଷୀ ଜିଲ୍ଲାଗୁଡ଼ିକ | 17 |
| ଜିଓ ପ୍ରଦର୍ଶନ | 19 |

# କାର୍ଯ୍ୟକାରୀ ସାରାଂଶ

ଏମଏଫଆଇ ପଲ୍ସ ରିପୋର୍ଟର ଷୋଡ଼ଶ ସଂସ୍କରଣ 31 ଡିସେମ୍ବର 2022 ସୁଦ୍ଧା ଅବଧି ପାଇଁ ବ୍ୟୁରୋକୁ ପ୍ରଦାନ କରାଯାଇଥିବା ତଥ୍ୟ ଉପରେ ଆଧାରିତ।

31 ଡିସେମ୍ବର 2022 ସୁଦ୍ଧା ମାଇକ୍ରୋଫାଇନାନ୍ସ ଉଦ୍ୟୋଗର ପୋର୍ଟଫୋଲିଓ ଋଣ ବକେୟା 287,237 କୋଟି ହୋଇଥିବା ବେଳେ ଏଥିମଧ୍ୟରୁ 1096 ଲକ୍ଷ ସକ୍ରିୟ ଋଣ ଏବଂ 6 କୋଟି ଅଭିନବ ଜୀବିତ ଋଣଗ୍ରହିତା ରହିଛନ୍ତି। ପୋର୍ଟଫୋଲିଓ ବକେୟା ପାଇଁ ଏନବିଏଫସି-ଏମଏଫଆଇ ସବୁଠୁ ଅଧିକ ଯୋଗଦାନ କରିଥାନ୍ତି। ଓଏନଡି' 2022 ତ୍ରୈମାସରେ ବ୍ୟାଙ୍କ, ଏନବିଏଫସି-ଏମଏଫଆଇ ଏବଂ ଏସଏଫବିଗୁଡ଼ିକ ପୋର୍ଟଫୋଲିଓ ବକେୟା ଆକାରରେ 90% ଏବଂ ବିତରଣ ଅର୍ଥରାଶି ବାବଦରେ 91% ଯୋଗଦାନ ଦେଇଛନ୍ତି। ମାଇକ୍ରୋଫାଇନାନ୍ସ ଉଦ୍ୟୋଗ ଡିସେମ୍ବର 2021ରୁ ଡିସେମ୍ବର 2022 ମଧ୍ୟରେ 22% ଅଭିବୃଦ୍ଧି ହାସଲ କରିଥିବା ବେଳେ ସେପ୍ଟମ୍ବର 2022ରୁ ଡିସେମ୍ବର 2022 ମଧ୍ୟରେ 6% ହାରରେ ତ୍ରୈମାସିକ ଅଭିବୃଦ୍ଧି ହାସଲ କରିଛନ୍ତି । ଏନବିଏଫସିଗୁଡ଼ିକ ଡିସେମ୍ବର 2021ରୁ ଡିସେମ୍ବର 2022 ମଧ୍ୟରେ ସର୍ବାଧିକ 62% ହାରରେ ବାର୍ଷିକ ଅଭିବୃଦ୍ଧି ହାସଲ କରିଛନ୍ତି।

ଓଏନଡି'21ରୁ ଓଏନଡି'22 ମଧ୍ୟରେ ବିତରଣ ମୂଲ୍ୟ ଆଧାରରେ 10% ଏବଂ ପରିମାଣ ଆକାରରେ 5%ର ବାର୍ଷିକ ଅଭିବୃଦ୍ଧି ପରିଲକ୍ଷିତ ହୋଇଛି। ଓଏନଡି'21ରୁ ଓଏନଡି'22 ମଧ୍ୟରେ ଏନବିଏଫସି-ଏମଏଫଆଇଗୁଡ଼ିକ ବିତରଣ ପରିମାଣ ଦୃଷ୍ଟିରୁ 32% ଏବଂ ଋଣ ଆବଣ୍ଟନ ଦୃଷ୍ଟିରୁ 16% ଅଭିବୃଦ୍ଧି ହାସଲ କରିଛନ୍ତି । ୩୦ ହଜାର-40 ହଜାର ଟିକେଟ୍ ସାଇଜ୍ ବର୍ଗରେ ସର୍ବାଧିକ ସଂଖ୍ୟକ ଋଣ ଜାରି କରାଯାଇଛି ଏବଂ ୪୦ ହଜାର-୫୦ ହଜାର ଟିକେଟ୍ ସାଇଜ୍ ବର୍ଗରେ ଓଏନଡି'21ରୁ ଓଏନଡି'22 ମଧ୍ୟରେ ବାର୍ଷିକ 42% ଅଭିବୃଦ୍ଧି ଦେଖିବାକୁ ମିଳିଛି।

ଓଏନଡି'21ରୁ ଓଏନଡି'22 ମଧ୍ୟରେ ଋଣ ଆବଣ୍ଟନ ଦୃଷ୍ଟିରୁ ଉଦ୍ୟୋଗ 5% ଅଭିବୃଦ୍ଧି ହାସଲ କରିଛି।

ଡିସେମ୍ବର 2021 ତୁଳନାରେ ଡିସେମ୍ବର 2022ରେ ସମସ୍ତ ଡେଲିଙ୍କ୍ୱେନ୍ସୀ ବକେଟ୍ ବା ବକେୟା ପରିମାଣରେ ହ୍ରାସ ଦେଖିବାକୁ ମିଳିଛି।

ଆକାଂକ୍ଷୀ ଜିଲ୍ଲା ପାଇଁ ୩୧ ଡିସେମ୍ବର 2022 ସୁଦ୍ଧା ପୋର୍ଟଫୋଲିଓ ବକେୟା 38,812 କୋଟି ହୋଇଥିବା ବେଳେ ଡିସେମ୍ବର 2021 ଠାରୁ ଡିସେମ୍ବର 2022 ମଧ୍ୟରେ ଏଥିରେ 22% ବୃଦ୍ଧି ଦେଖିବାକୁ ମିଳିଛି। ଜାନୁଆରୀ 2022 ଠାରୁ ଡିସେମ୍ବର 2022 ସୁଦ୍ଧା ଆକାଂକ୍ଷୀ ଜିଲ୍ଲାରେ 42,767 କୋଟିର ଋଣ ବିତରଣ କରାଯାଇଛି।

ଏହି ସଂସ୍କରଣରେ ଆମେ ଗ୍ରାମୀଣ, ଅର୍ଦ୍ଧ ସହରୀ ଓ ସହରୀ, ସବୁ କ୍ଷେତ୍ରର ପ୍ରଦର୍ଶନକୁ ସାମିଲ କରିଛୁ।

ଡିସେମ୍ବର 2021 ଠାରୁ ଡିସେମ୍ବର 2022 ପର୍ଯ୍ୟନ୍ତ ଗ୍ରାମୀଣ କ୍ଷେତ୍ରର ଖାତା ଆକାର 26% ବୃଦ୍ଧି ପାଇଛି।

ସୂଚନା : ଏମଏଫଆଇ ବର୍ଗରେ ବିଭିନ୍ନ ଋଣଦାତାଙ୍କ ମଧ୍ୟରେ6 କୋଟି ଅଭିନବ ଜୀବିତ ଋଣଗ୍ରହିତା ରହିଛନ୍ତି। ଗ୍ରାହକମାନେ ଏସଏଫବି, ବ୍ୟାଙ୍କ, ଏନବିଏଫସି-ଏମଏଫଆଇ, ଏନବିଏଫସି ଏବଂ ଅଣଲାଭଜନକ ଏମଏଫଆଇଗୁଡ଼ିକ ସହିତ ଏକାଧିକ ସମ୍ପର୍କ ରଖିଥିବା କାରଣରୁ ଗ୍ରାହକମାନଙ୍କ ଅଭିନବ ସଂଖ୍ୟାରେ ପାର୍ଥକ୍ୟ ଦେଖାଯାଇଛି।

# ସଂକ୍ଷିପ୍ତ ରୂପ ଏବଂ ଶବ୍ଦାବଳୀ

- ଏଟିଏସ (ହାରାହାରୀ ଟିକେଟ୍ ଆକାର) ଣ୍ଡ ବିତରିତ ପରିମାଣ/ରଣ ସଂଖ୍ୟା
- ଡିପିଡି ଣ୍ଡ ବିତିଯାଇଥିବା ଦେୟ ଦିବସ
- ଲାଇଭ୍ ପିଓଏସ ବା ଋଣଗ୍ରହିତା ବା ସକ୍ରିୟ ଋଣ = 0ରୁ 179 ଡିପିଡି + ନୂଆ ଏକାଉଣ୍ଟ + କରେ+ ଏକାଉଣ୍ଟ
- ଏମଏଫଆଇ ଣ୍ଡ ମାଇକ୍ରୋଫାଇନାନ୍ସ ସଂସ୍ଥା
- ପିଓଏସ ଣ୍ଡ ପୋର୍ଟଫୋଲିଓ ବକେୟା
- ୟୁଟି ଣ୍ଡ କେନ୍ଦ୍ର ଶାସିତ ପ୍ରଦେଶ
- ଆକାଂକ୍ଷୀ ଜିଲ୍ଲା (ଏଡି) – ସ୍ୱାସ୍ଥ୍ୟ ଓ ପୋଷଣ, ଶିକ୍ଷା, କୃଷି ଓ ଜଳ ସମ୍ପଦ, ଆର୍ଥିକ ଅନ୍ତର୍ଭୁକ୍ତିକରଣ, କୌଶଳ ବିକାଶ ଓ ମୌଳିକ ଭିତ୍ତିଭୂମି ଭଳି ମିଶ୍ରିତ ସୂଚକାଙ୍କକୁ ଆଧାର କରି ମାନବୀୟ ବିକାଶ ସୂଚକାଙ୍କକୁ ବଢ଼ାଇବା ଲାଗି ସୁଧାର ନିମନ୍ତେ ଜାନୁଆରୀ 2018ରେ ଭାରତ ସରକାରଙ୍କ ନୀତି ଆୟୋଗ ଦ୍ୱାରା ଚିହ୍ନଟ କରାଯାଇଥିବା ଜିଲ୍ଲା (ବର୍ତ୍ତମାନର ଜିଲ୍ଲା ସଂଖ୍ୟା 117)।
- ପ୍ଲାଟଫର୍ମ ଉପରେ ପ୍ରଦାନ କରାଯାଇଥିବା କ୍ଷେତ୍ରର ବର୍ଗୀକରଣ ଭାରତରେ କ୍ଷେତ୍ରଗୁଡ଼ିକର ଜନଗଣନା ବର୍ଗୀକରଣ ଆଧାରିତ ଅଟେ, ଯଦି ଏହା ଗୋଟିଏ ତା'ହେଲେ ଗ୍ରାମୀଣ ଏବଂ ଯଦି ଏହା ଏକ ସହର କିମ୍ବା ନଗର ତା'ହେଲେ ସହରୀ। ସହରୀ : ଯଦି କୌଣସି ପିନକୋଡ କୌଣସି ସହର କିମ୍ବା ନଗର ମଧ୍ୟଭାଗରେ ରହିଛି, ଯାହାର ଗାଁ ସହିତ କୌଣସି ସମ୍ପର୍କ ନାହିଁ। ଅର୍ଦ୍ଧସହରୀ : ଯଦି ପିନକୋଡ୍ କୌଣସି ସହରୀ ସୀମା ଉପରେ ଆଧାରିତ ଏବଂ ଏହାର ଗାଁ ସହିତ କୌଣସି ସମ୍ପର୍କ ନାହିଁ । ଗ୍ରାମୀଣ : ଯଦି ପିନକୋଡ ସମ୍ପୂର୍ଣ୍ଣ ଭାବେ ଏକ ଗାଁର ହୋଇଥିବ ।
- 1-179 = 1 ରୁ 179 ଡିପିଡି/ ଲାଇଭ୍ ପିଓଏସ
- 1-29 = 1 ରୁ 29 ଡିପିଡି/ ଲାଇଭ୍ ପିଓଏସ
- 30-59 = 30 ରୁ 59 ଡିପିଡି/ ଲାଇଭ୍ ପିଓଏସ
- 60-89 = 60 ରୁ 59 ଡିପିଡି/ ଲାଇଭ୍ ପିଓଏସ
- 90-179 = 90 ରୁ 179 ଡିପିଡି/ ଲାଇଭ୍ ପିଓଏସ
- 30+ଋଣବକେୟା = 30– 179 ଡିପିଡି/ ଲାଇଭ୍ ପିଓଏସ
- 90+ଋଣବକେୟା = 90– 179 ଡିପିଡି/ ଲାଇଭ୍ ପିଓଏସ

- ଓଏନଡି'21 = ଅକ୍ଟୋବର 2021 ରୁ ଡିସେମ୍ବର 2021
- ଜେଏଫଏମ'22 = ଜାନୁଆରୀ 2022 ରୁ ମାର୍ଚ୍ଚ 2022
- ଏଏମଜେ' 22 = ଏପ୍ରିଲ 2022ରୁ ଜୁନ୍ 2022
- ଜେଏଏସ'22 = ଜୁଲାଇ 2022 ରୁ ସେପ୍ଟେମ୍ବର 2022
- ଓଏନଡି' 22 = ଅକ୍ଟୋବର 2022ରୁ ଡିସେମ୍ବର 2022

EQUIFAX®



# ମାଇକ୍ରୋଫାଇନାନ୍ସ ଉଦ୍ୟୋଗ ଅବଲୋକନ

EQUIFAX® | powering the world with knowledge™

# ମାଇକ୍ରୋଫାଇନାନ୍ସ ଉଦ୍ୟୋଗ ସ୍ଥିତି ସଂକ୍ଷେପରେ - 31 ଡିସେମ୍ବର 2022 ସୁଦ୍ଧା

| 31 ଡିସେମ୍ବର 2022 ସୁଦ୍ଧା ସଂକ୍ଷିପ୍ତ ସ୍ଥିତି | ବ୍ୟାଙ୍କ | ଏସଏଫବି | ଏନବିଏଫସି–ଏମଏଫଆଇ | ଏନବିଏଫସି | ଅଣଲାଭଜନକ ଏଏଫଆଇ | ମୋଟ ଉଦ୍ୟୋଗ |
|---|---|---|---|---|---|---|
| ସକ୍ରିୟ ଜୀବିତ ଋଣଗ୍ରହିତା (₹000) | 26,470 | 12,646 | 23,834 | 7,810 | 1,061 | 71,821 |
| ସକ୍ରିୟ ଋଣ (₹000) | 39,218 | 16,301 | 44,108 | 8,731 | 1,329 | 109,687 |
| ପୋର୍ଟଫୋଲିଓ (କୋଟିରେ) | 95,923 | 46,878 | 114,776 | 26,506 | 3,154 | 287,237 |
| ବିତରିତ ଅର୍ଥରାଶି (କୋଟି) ଓଏନଡି' 22 | 27,379 | 11,771 | 32,053 | 5,644 | 972 | 77,819 |
| ହାରାହାରି ଟିକେଟ ଆକାର (₹) - ଓଏନଡିଦ 22 | 38,457 | 47,159 | 41,245 | 44,299 | 35,283 | 41,095 |
| 30+ ଡେଲିଂକ୍ୱେନ୍ସି (ପିଓଏସ) | 5.70% | 3.22% | 2.17% | 1.22% | 1.59% | 3.43% |
| 90+ ଟିକେଟ ଆକାର | 3.11% | 1.46% | 1.06% | 0.53% | 0.71% | 1.76% |




- 31 ଡିସେମ୍ବର 2022 ସୁଦ୍ଧା ଖାତା ଆକାର ହେଉଛି 287,237 କୋଟି ଟଙ୍କା
- ଏନବିଏଫସି–ଏମଏଫଆଇର ପୋର୍ଟଫୋଲିଓ ବକେୟାରେ ସର୍ବାଧିକ ୪୦% ବଜାର ଅଂଶଧନ ରହିଛି
- ଓଏନଡି' 22 ତ୍ରୈମାସରେ ପୋର୍ଟଫୋଲିଓ ବକେୟା ଦିଗରେ ବ୍ୟାଙ୍କ, ଏନବିଏଫସି–ଏମଏଫଆଇ ଏବଂ ଏସଏଫବିଗୁଡ଼ିକ 90% ଯୋଗଦାନ ଦେଇଥାନ୍ତି ଏବଂ ଅର୍ଥରାଶି ଆବଣ୍ଟନ ଦିଗରେ 91% ଯୋଗଦାନ ଦେଇଥାନ୍ତି।
- ଏସଏଫବି, ଏନବିଏଫସି ଏବଂ ଏନବିଏଫସି–ଏମଏଫଆଇର ହାରାହାରୀ ଟିକେଟ୍ ଆକାର ଉଦ୍ୟୋଗର ଟିକେଟ୍ ଆକାର ଠାରୁ ଅଧିକ।
- ସମସ୍ତ ଋଣଦାତାଙ୍କ ମଧ୍ୟରେ ଏନବିଏଫସିଗୁଡ଼ିକର ସର୍ବନିମ୍ନ 90+ ଡେଲିଂକ୍ୱେନ୍ସି ରହିଛି

ସୂଚନା: ଏମଏଫଆଇ ବର୍ଗରେ ଋଣଦାତାଙ୍କ ବର୍ଗବ୍ୟାପି ପ୍ରାୟ 6 କୋଟିସ୍ୱତନ୍ତ୍ର ଋଣ ଗ୍ରହିତାରହିଛନ୍ତି, ସ୍ୱତନ୍ତ୍ର ଋଣଗ୍ରହିତାଙ୍କସଂଖ୍ୟାରେପାର୍ଥକ୍ୟ ହେଉଛିଏସଏଫବି, ବ୍ୟାଙ୍କ, ଏନବିଏଫସି–ଏମଏଫଆଇଗୁଡ଼ିକ, ଏନବିଏଫସିଗୁଡ଼ିକଏବଂଅଣଲାଭଜନକଏମଏଫଆଇଗୁଡ଼ିକସହିତଏକାଧିକସମ୍ପର୍କ।

# ମାଇକ୍ରୋଫାଇନାନ୍ସ ଉଦ୍ୟୋଗ

## ଅବଲୋକନ

ପୋର୍ଟଫୋଲିଓ ବକେୟା (କୋଟି ଟଙ୍କାରେ)

| ବିବରଣୀ | ଡିସେମ୍ବର 21 | ମାର୍ଚ୍ଚ 22 | ଜୁନ 22 | ସେପ୍ଟେମ୍ବର 22 | ଡିସେମ୍ବର 22 | ବର୍ଷଓ୍ୱାରୀ ଅଭିବୃଦ୍ଧି% |
|---|---|---|---|---|---|---|
| ବ୍ୟାଙ୍କ | 93,841 | 102,032 | 98,445 | 98,001 | 95,923 | 2% |
| ଏସଏଫବି | 39,675 | 44,134 | 44,810 | 45,046 | 46,878 | 18% |
| ଏନବିଏଫସି–ଏମଏଫଆଇ | 84,065 | 94,481 | 95,671 | 102,129 | 114,776 | 37% |
| ଏନବିଏଫସି | 16,337 | 19,155 | 25,232 | 23,175 | 26,506 | 62% |
| ଅଣଲାଭଜନକ ଏମଏଫଆଇ | 2,260 | 2,800 | 2,383 | 2,999 | 3,154 | 40% |
| ମୋଟ୍ ଉଦ୍ୟୋଗ | 236,178 | 262,602 | 266,541 | 271,350 | 287,237 | 22% |
| ତ୍ରୈମାସିକ ଅଭିବୃଦ୍ଧି ହାର % | | 11% | 1% | 2% | 6% | |

ଋଣଦାତା ପ୍ରକାର ବଜାର ଅଂଶଧନ ଧାରା




- ମାଇକ୍ରୋଫାଇନାନ୍ସ ଉଦ୍ୟୋଗ ଡିସେମ୍ବର 2021 ତୁଳନାରେ ଡିସେମ୍ବର 2022ରେ 22% ବାର୍ଷିକ ଅଭିବୃଦ୍ଧି ହାସଲ କରିଥିବା ବେଳେ ସେପ୍ଟେମ୍ବର 2022 ତୁଳନାରେ 6% ଅଭିବୃଦ୍ଧି ହାସଲ କରିଛି ।
- ଡିସେମ୍ବର 2021 ତୁଳନାରେ ଡିସେମ୍ବର 2022ରେ ଏନବିଏଫସିଗୁଡ଼ିକ 62%ର ବାର୍ଷିକ ଅଭିବୃଦ୍ଧି ହାସଲ କରିଥିବା ବେଳେ ସେପ୍ଟେମ୍ବର 2022 ତୁଳନାରେ 14% ତ୍ରୈମାସିକ ଅଭିବୃଦ୍ଧି ହାସଲ କରିଛନ୍ତି।

EQUIFAX



# ବିତରଣ
# ଧାରା

EQUIFAX | powering the world with knowledge™

# ବିତରଣ ଧାରା – ସଂସ୍ଥାଓ୍ୱାରୀ

ଋଣ ବିତରଣ ସଂଖ୍ୟା (ଲକ୍ଷରେ)

| ଋଣଦାତା ପ୍ରକାର | ଓଏନଡି 21 | ଜେଏମଏଫ 22 | ଏଏମଜେ 22 | ଜେଏଏସ 22 | ଓଏନଡି 22 |
|---|---|---|---|---|---|
| ବ୍ୟାଙ୍କ | 70 | 94 | 56 | 76 | 71 |
| ଏସଏଫବି | 29 | 30 | 22 | 23 | 25 |
| ଏନବିଏଫସି– ଏମଏଫଆଇ | 67 | 82 | 58 | 74 | 78 |
| ଏନବିଏଫସି | 12 | 15 | 14 | 16 | 13 |
| ଅଣଲାଭଜନକ ଏମଏଫଆଇ | 3 | 4 | 1 | 3 | 3 |
| ମୋଟ ଉଦ୍ୟୋଗ | 181 | 225 | 151 | 192 | 190 |




- ଓଏନଡି 21ରୁ ଓଏନଡି 22 ମଧ୍ୟରେ ମୂଲ୍ୟ ଆଧାରରେ ବିତରଣ କ୍ଷେତ୍ରରେ ବାର୍ଷିକ 10% ଅଭିବୃଦ୍ଧି ଦେଖିବାକୁ ମିଳିଛି।
- ଓଏନଡି 21ରୁ ଓଏନଡି 22 ମଧ୍ୟରେ ମୂଲ୍ୟ ଦୃଷ୍ଟିରୁ ଏନବିଏଫସି–ଏମଏଫଆଇଗୁଡ଼ିକ ବାର୍ଷିକ 32% ଅଭିବୃଦ୍ଧି ହାସଲ କରିଛି, ଯାହାକି ସବୁ ଋଣଦାତାଙ୍କ ମଧ୍ୟରେ ସର୍ବାଧିକ।

ବିଶେଷ ସୂଚନା : ବିଗତ ସମସ୍ତ ତ୍ରୈମାସରେ ଉକ୍ତ ତଥ୍ୟ ସଦସ୍ୟମାନଙ୍କ ଠାରୁ ପ୍ରାପ୍ତ ସଦ୍ୟତମ ତଥ୍ୟ ଆଧାରରେ ସଂଶୋଧିତ କରାଯାଇଛି।

# ଶିଳ୍ପ ଟିକେଟ ଆକାର – ଧାରା

ଋଣ ବିତରଣ ସଂଖ୍ୟା (ଲକ୍ଷରେ)

| ଟିକେଟ୍ ଆକାର | ଓଏନଡି 21 | ଜେଏଫଏମ 22 | ଏଏମଜେ 22 | ଜେଏଏସ 22 | ଓଏନଡି 22 | ବାର୍ଷିକ ଅଭିବୃଦ୍ଧି % |
|---|---|---|---|---|---|---|
| 0K-10K | 10 | 11 | 7 | 10 | 10 | 0% |
| 10K-20K | 13 | 16 | 10 | 12 | 11 | -15% |
| 20K-30K | 26 | 31 | 18 | 20 | 18 | -31% |
| 30K-40K | 51 | 65 | 44 | 55 | 48 | -6% |
| 40K-50K | 31 | 39 | 28 | 39 | 44 | 42% |
| 50K-60K | 24 | 30 | 22 | 26 | 27 | 13% |
| 60K Plus | 26 | 33 | 22 | 30 | 32 | 23% |
| **ମୋଟ** | 181 | 225 | 151 | 192 | 190 | 5% |
| **ତ୍ରୈମାସିକ ଋଣ ବିତରଣ ବୃଦ୍ଧି ହାର%** | - | 24% | -33% | 27% | -1% | - |
| **ସର୍ବଭାରତୀୟ ଏଟିଏସ (₹ )** | 39,045 | 39,836 | 39,645 | 39,971 | 41,095 | - |
| **ତ୍ରୈମାସିକ ଏଟିଏସ ବୃଦ୍ଧି ହାର %** | - | 2% | -0.5% | 0.8% | 3% | - |




- ଓଏନଡି 2022ରେ 30ହଜାର–40 ହଜାର ଟିକେଟ ଆକାର ବର୍ଗ ଅଧୀନରେ ସର୍ବାଧିକ ସଂଖ୍ୟକ ଋଣ ବିତରଣ କରାଯାଇଛି।
- ଓଏନଡି 21ରୁ ଓଏନଡି 22 ମଧ୍ୟରେ ଏଟିଏସ 5% ବୃଦ୍ଧି ପାଇଛି।

ବିଶେଷ ସୂଚନା : ବିଗତ ସମସ୍ତ ତ୍ରୈମାସରେ ଉକ୍ତ ତଥ୍ୟ ସଦସ୍ୟମାନଙ୍କ ଠାରୁ ପ୍ରାପ୍ତ ସଦ୍ୟତମ ତଥ୍ୟ ଆଧାରରେ ସଂଶୋଧିତ କରାଯାଇଛି।

EQUIFAX




# ଉଦ୍ୟୋଗ
# ପରିଚୟ

# ଡେଲିଂକୁଏନ୍ସି – ଧାରା

ଋଣ ବିତରଣ ସଂଖ୍ୟା (ଲକ୍ଷରେ)

| ରିପୋର୍ଟିଂ ତ୍ରୈମାସ | 1-29 ଦେୟ ଦିନ ବିତିଛ | 30-59 ଦେୟ ଦିନ ବିତିଛି | 60-89 ଦେୟ ଦିନ ବିତିଛି | 90-179 ଦେୟ ଦିନ ବିତିଛି | 1-179 ଦେୟ ଦିନ ବିତିଛି |
|---|---|---|---|---|---|
| ଡିସେମ୍ବର 21 | 5.03% | 3.19% | 2.14% | 3.44% | 13.80% |
| ମାର୍ଚ୍ଚ 21 | 2.93% | 1.71% | 1.12% | 2.43% | 8.19% |
| ଜୁନ୍ 22 | 2.69% | 1.44% | 1.71% | 1.85% | 7.69% |
| ସେପ୍ଟେମ୍ବର 22 | 2.36% | 1.11% | 1.55% | 2.27% | 7.29% |
| ଡିସେମ୍ବର 22 | 1.76% | 0.83% | 0.84% | 1.76% | 5.19% |




- ପୂର୍ବ ତ୍ରୈମାସ ତୁଳନାରେ ଡିସେମ୍ବର 2022ରେ ସମସ୍ତ ଡେଲିଂକୁଏନ୍ସି ବକେଟ୍ ବିଳମ୍ବ ସ୍ଥାନ ପୂରଣ ହୋଇଛି।
- ୯୦ରୁ ଅଧିକ ଡେଲିଂକୁଏନ୍ସି ବା ବିଳମ୍ବ ଡିସେମ୍ବର 2021 ତୁଳନାରେ ଡିସେମ୍ବର 2022ରେ 168 ବିପିଏସକୁ ହ୍ରାସ ପାଇଛି।

EQUIFAX



# ଭୌଗଳିକ ସୁଯୋଗ

# ରାଜ୍ୟ/କେନ୍ଦ୍ର ଆଧାରିତ ପୋର୍ଟଫୋଲିଓ ବକେୟା– 31 ଡିସେମ୍ବର 2022 ସୁଦ୍ଧା

ଉଦ୍ୟୋଗ ପିଓଏସ
₹ 287,237 କୋଟି




ପିଓଏସ ବକେଟ

- <100 କୋଟି
- 100 କୋଟି - 1000 କୋଟି
- 1000 କୋଟି - 5000 କୋଟି
- 5000 କୋଟି - 10000 କୋଟି
- >10000 କୋଟି

ଏହି ମାନଚିତ୍ର କେବଳ ସାଧାରଣ ଚିତ୍ରଣ ଲାଗି ଉଦ୍ଦିଷ୍ଟ ଏବଂ ଏହାକୁ ତଥ୍ୟ ବୋଲି ଗ୍ରହଣ କରାଯିବ ନାହିଁ

- ଶୀର୍ଷ 10ଟି ରାଜ୍ୟ ପୋର୍ଟଫୋଲିଓ ବକେୟା ଦିଗରେ 84% ଯୋଗଦାନ ଦେଇଛନ୍ତି।
- ବିହାର ପୋର୍ଟଫୋଲିଓ ବକେୟା କ୍ଷେତ୍ରରେ 41,441 କୋଟି ଟଙ୍କା ସହିତ ଅଗ୍ରଣୀ ରହିଥିବାବେଳେ ପୋର୍ଟଫୋଲିଓ ବକେୟା ବାବଦରେ 14% ଯୋଗଦାନ ଦେଇଥାଏ।
- ଡିସେମ୍ବର 2022 ସୁଦ୍ଧା ବିହାର, ତାମିଲନାଡୁ, ଉତ୍ତର ପ୍ରଦେଶ, କର୍ଣ୍ଣାଟକ, ପଶ୍ଚିମବଙ୍ଗ ଶୀର୍ଷ 5 ସ୍ଥାନରେ ରହିଛନ୍ତି।

# ରାଜ୍ୟ/କେନ୍ଦ୍ରଶାସିତ ପ୍ରଦେଶ ୱାରୀ ଡେଲିଂକ୍ୱେନ୍ସି– ଡିସେମ୍ବର 31 2022 ସୁଦ୍ଧା




ସାମଗ୍ରୀକ ୯୦ରୁ ଅଧିକ
ଡେଲିଂକ୍ୱେନ୍ସି 1.76%

**90ରୁ ଅଧିକ ଡେଲିଂକ୍ୱେନ୍ସି ବକେଟ୍**

- **<=1.00%**
- **1.00% ରୁ 2.00%**
- **2.00% ରୁ 3.00%**
- **3.50% ରୁ 5.50%**
- **>3%**

ଏହି ମାନଚିତ୍ର କେବଳ ସାଧାରଣ ଚିତ୍ରଣ ଲାଗି ଉଦ୍ଦିଷ୍ଟ ଏବଂ ଏହାକୁ ତଥ୍ୟ ବୋଲି ଗ୍ରହଣ କରାଯିବ ନାହିଁ

- 90ରୁ ଅଧିକ ଡେଲିଂକ୍ୱେନ୍ସି ଥିବା ଶୀର୍ଷ 5 ରାଜ୍ୟ ହେଲେ : ବିହାର : 0.92%, ତାମିଲନାଡୁ : 1.13%, ଉତ୍ତରପ୍ରଦେଶ : 1.01% କର୍ଣ୍ଣାଟକ : 0.69%, ପଶ୍ଚିମବଙ୍ଗ : 4.62%>
- ଶିଳ୍ପ ଡେଲିଂକ୍ୱେନ୍ସି ହାର 1.76% ଠାରୁ ପଶ୍ଚିମବଙ୍ଗର 90ରୁ ଅଧିକ ଡେଲିଂକ୍ୱେନ୍ସି ଅଧିକ।

EQUIFAX



# ଆକାଂକ୍ଷୀ
# ଜିଲ୍ଲା

# ଆକାଂକ୍ଷୀ ଜିଲ୍ଲା

## ଡିସେମ୍ବର 2022 ଅବଲୋକନ

| ଆକାଂକ୍ଷୀ ଜିଲ୍ଲା ଅଭିବୃଦ୍ଧି ବିବରଣୀ | 31 ଡିସେମ୍ବର 2021 | 31 ଡିସେମ୍ବର 2022 | ଅଭିବୃଦ୍ଧି % |
|---|---|---|---|
| ସକ୍ରିୟ ରଣଗ୍ରହିତା ପ୍ରବେଶ (₹୦୦୦) | 8,618 | 10,400 | 21% |
| ବିତରଣ ପରିମାଣ (କୋଟିରେ) | 34,266* | 42,767** | 25% |
| ସକ୍ରିୟ ରଣ (₹୦୦୦) | 13,363 | 15,334 | 15% |
| ପୋର୍ଟଫୋଲିଓ ବକେୟା (କୋଟିରେ) | 31,918 | 38,812 | 22% |
| 30ରୁ ଅଧିକ ଡେଲିଂକୁଏନ୍ସି | 6.87% | 2.76% | - |
| 90ରୁ ଅଧିକ ଡେଲିଂକୁଏନ୍ସି | 2.70% | 1.43% | - |

- 31 ଡିସେମ୍ବର 2022 ସୁଦ୍ଧା ଆକାଂକ୍ଷୀ ଜିଲ୍ଲା ପାଇଁ ପୋର୍ଟଫୋଲିଓ ବକେୟା 38,812 କୋଟି ଟଙ୍କା ଥିବା ବେଳେ ଡିସେମ୍ବର 2021ରୁ ଡିସେମ୍ବର 2022 ମଧ୍ୟରେ ଏହା 22% ବୃଦ୍ଧି ପାଇଛି।
- ଆକାଂକ୍ଷୀ ଜିଲ୍ଲାଗୁଡ଼ିକରେ ସକ୍ରିୟ ରଣଗ୍ରହିତାଙ୍କ ପ୍ରବେଶ ଡିସେମ୍ବର 2021ରୁ ଡିସେମ୍ବର 2022 ମଧ୍ୟରେ 15% ବୃଦ୍ଧି ପାଇଛି।
- ଜାନୁଆରୀ 2022ରୁ ଡିସେମ୍ବର 2022 ମଧ୍ୟରେ ଆକାଂକ୍ଷୀ ଜିଲ୍ଲାରେ 42,767 କୋଟି ଟଙ୍କାର ରଣ ବିତରଣ କରାଯାଇଛି।
- ବ୍ୟାଙ୍କ ଓ ଏସଏଫବିର ୩୦ରୁ ଅଧିକ ଏବଂ 90ରୁ ଅଧିକ ଡେଲିଂକୁଏନ୍ସି ଆକାଂକ୍ଷୀ ଜିଲ୍ଲାର ସାମଗ୍ରୀକ ଡେଲିଂକୁଏନ୍ସି ଠାରୁ ଅଧିକ।

ପୋର୍ଟଫୋଲିଓ(କୋଟିରେ)




ବିତରିତ ଅର୍ଥରାଶି (କୋଟିରେ) -
ଜାନୁଆରୀ22 ରୁ ଡିସେମ୍ବର 22




ବ୍ୟାଙ୍କ | ଏସଏଫବି | ଏନବିଏଫସି–ଏମଏଫଆଇ | ଏନବିଏଫସି | ଅଣ ଲାଭଜନକ ଏମଏଫଆଇ

30ରୁ ଅଧିକ ଏବଂ 90ରୁ ଅଧିକ ପିଓଏସ ଡେଲିଂକୁଏନ୍ସି ରଣଦାତା ବର୍ଗୱାରୀ




30ରୁ ଅଧିକ ଡେଲିଂକୁଏନ | 90ରୁ ଅଧିକ ଡେଲିଂକୁଏନ୍ସି

EQUIFAX®



# ଜିଓ
# ପ୍ରଦର୍ଶନ

EQUIFAX® | powering the world with knowledge™

# ଆଞ୍ଚଳିକ ବିତରଣ ଅବଲୋକନ -
## ଡିସେମ୍ବର 2022

ବିତରଣ ପରିମାଣ ଆଧାରରେ ଅଂଶଧନ ଧାରା




- ବିତରଣ ମୂଲ୍ୟ ଦୃଷ୍ଟିରୁ ଗ୍ରାମାଞ୍ଚଳରେ ବାର୍ଷିକ ସର୍ବାଧିକ 14% ଅଭିବୃଦ୍ଧି ଦେଖିବାକୁ ମିଳିଛି ।
- ଗ୍ରାମାଞ୍ଚଳ ପରେ, ଅର୍ଦ୍ଧସହରାଞ୍ଚଳରେ ବିତରଣ ମୂଲ୍ୟ ଦୃଷ୍ଟିରୁ ସର୍ବାଧିକ 8% ଅଭିବୃଦ୍ଧି ପରିଲକ୍ଷିତ ହୋଇଛି>20

# କ୍ଷେତ୍ରୀୟ ପ୍ରଦର୍ଶନ -
## 31 ଡିସେମ୍ବର 2022 ସୁଦ୍ଧା

**ପୋର୍ଟଫୋଲିଓ ବକେୟା ଆଧାରରେ ପ୍ରତିଶତ ଅଂଶଧନ ଧାରା**




**90ରୁ ଅଧିକ ଡେଲିଂକ୍ୱେଣ୍ସି**




- ପୋର୍ଟଫୋଲିଓ ବକେୟା ଦୃଷ୍ଟିରୁ ଗ୍ରାମାଞ୍ଚଳ କ୍ଷେତ୍ରରେ ସର୍ବାଧିକ ୨୬% ଅଭିବୃଦ୍ଧି ପରିଲକ୍ଷିତ ହୋଇଛି।
- ଡିସେମ୍ବର 2021 ତୁଳନାରେ ଡିସେମ୍ବର 2022ରେ ସବୁ କ୍ଷେତ୍ରରେ 90ରୁ ଅଧିକ ଡେଲିଂକ୍ୱେଣ୍ସି ହ୍ରାସ ପାଇଛି।
- ଗ୍ରାମାଞ୍ଚଳ କ୍ଷେତ୍ରରେ ସର୍ବନିମ୍ନ 90ରୁ ଅଧିକ ଡେଲିଂକ୍ୱେଣ୍ସି ରହିଛି।
- ସହରୀ ଓ ଅର୍ଦ୍ଧ ସହରୀ କ୍ଷେତ୍ରରେ 90ରୁ ଅଧିକ ଡେଲିଂକ୍ୱେଣ୍ସି ରହିଛି ଯାହାକି ଡିସେମ୍ବର 2022ରେ ଉଦ୍ୟୋଗ ତୁଳନାରେ ଅଧିକ

# ଏସଆଇଡିବିଆଇ ସମ୍ପର୍କରେ

ଭାରତୀୟ ଲଘୁ ଉଦ୍ୟୋଗ ବିକାଶ ବ୍ୟାଙ୍କ(ଏସଆଇଡିବିଆଇ)କୁ **1990** ମସିହାରେ ସଂସଦରେ ଏକ ଆଇନ ଅଧୀନରେ ଗଠନ କରାଯାଇଥିଲା। ଏସଆଇଡିବିଆଇକୁ ସୂକ୍ଷ୍ମ, ଲଘୁ ଏବଂ ମଧ୍ୟମ ଉଦ୍ୟୋଗ (ଏମଏସଏମଇ କ୍ଷେତ୍ର)ର ପ୍ରୋତ୍ସାହନ, ଅର୍ଥଯୋଗାଣ ଏବଂ ବିକାଶର ତିନୋଟି ଲକ୍ଷ୍ୟକୁ କାର୍ଯ୍ୟକାରୀ କରିବା ଏବଂ ସମାନ କାର୍ଯ୍ୟକଳାପରେ ସମ୍ପୃକ୍ତ ଥିବା ବିଭିନ୍ନ ପ୍ରତିଷ୍ଠାନର କାର୍ଯ୍ୟକାରିତାରେ ସମନ୍ୱୟ ଆଣିବା ପାଇଁ ପ୍ରମୁଖ ଆର୍ଥିକ ପ୍ରତିଷ୍ଠାନ ରୂପରେ କାର୍ଯ୍ୟ କରିବା ଲାଗି ଆଦେଶ ଦିଆଯାଇଥିଲା। ଏସବୁ ବର୍ଷରେ, ନିଜର ବିଭିନ୍ନ ଆର୍ଥିକ ଓ ବିକାଶମୂଳକ ଉପାୟ ମାଧ୍ୟମରେ, ବ୍ୟାଙ୍କ ସମାଜର ବିଭିନ୍ନ ବର୍ଗର ଲୋକମାନଙ୍କ ଜୀବନରେ ପରିବର୍ତ୍ତନ ଆଣିଛି, ସମ୍ପୂର୍ଣ୍ଣ ଏମଏସଏମଇ କ୍ଷେତ୍ରରେ ଉଦ୍ୟୋଗୁଡ଼ିକୁ ପ୍ରଭାବିତ କରିଛି ଏବଂ ଏମଏସଏମଇ ପରିବେଶର ଅନେକ ବିଶ୍ୱସନୀୟ ଅନୁଷ୍ଠାନ ସହ ଯୋଡ଼ି ହୋଇ ରହିଛି ।

ଏସଆଇଡିବିଆଇ ଭିଜନ୍ **2** ପଏଣ୍ଟ ଜିରୋ ଅଧୀନରେ, ଏମଏସଏମଇ କ୍ଷେତ୍ରରେ ସୂଚନା ବିଷମତାକୁ ଦୂର କରିବା ଲାଗି ମାଇକ୍ରୋଫାଇନାନ୍ସ ପଲ୍ସକୁ ବାଦ୍ ଦେଲେ ଏମଏସଏମଇ ପଲ୍ସ, ଏମଏସଇ ଭାବନା ଓ ଆକାଂକ୍ଷାକୁ ମାପିବା ପାଇଁ ଏମଏସଏମଇ ଓ କ୍ରାଇସିଡେକ୍ସର ହେଲ୍‌ଥ୍ ଟ୍ରାକର୍, ଫିନଟେକ୍ ଋଣପ୍ରଦାନ ବର୍ଗ ଉପରେ ଋଣଲଗାଣ ତଥ୍ୟ ଅନ୍ତର୍ଦୃଷ୍ଟି ନିମନ୍ତେ ଉଦ୍ୟୋଗ ଋଣଦାତା ଓ ଫିନଟେକ୍ ପଲ୍ସ ଉପରେ ଏକ ବିସ୍ତୃତ ରିପୋର୍ଟ ଇଣ୍ଡଷ୍ଟ୍ରୀ ସ୍ୱଟ୍‌ଲାଇଟ୍ ଭଳି ବିଭିନ୍ନ ପ୍ରୟାସ କରିଛି ।

## ମାଇକ୍ରୋଫାଇନାନ୍ସ କ୍ଷେତ୍ରରେ ଏସଆଇଡିବିଆଇ

ମାଇକ୍ରୋଫାଇନାନ୍ସ ଆନ୍ଦୋଳନକୁ ସମର୍ଥନ କରିବା ଜରିଆରେ ସମାବେଶୀ ଅର୍ଥଯୋଗାଣକୁ ତ୍ୱରାନ୍ୱିତ କରିବା ଲାଗି ଏସଆଇଡିବିଆଇ ଏକ ଅଗ୍ରଣୀ ଭୂମିକା ନିର୍ବାହ କରିଛି। ମାର୍ଚ୍ଚ **2022** ସୁଦ୍ଧା ଏସଆଇଡିବିଆଇର ମାଇକ୍ରୋଫାଇନାନ୍ସ ପ୍ରୟାସ ଜରିଆରେ ବିତରଣ କରାଯାଇଥିବା ମୋଟ୍ ସହାୟତା ପରିମାଣ **23,460** କୋଟି ଟଙ୍କା ହୋଇଥିବା ବେଳେ ଏହାଦ୍ୱାରା **4.83** କୋଟି ଗରିବ ଉପଭୋକ୍ତା ଲାଭାନ୍ୱିତ ହୋଇଛନ୍ତି। ଏମଏଫଆଇଗୁଡ଼ିକୁ କ୍ଷମତା ନିର୍ମାଣ ସହଯୋଗ ଯୋଗାଇ ଦେବା ଏବଂ ଅନୁପାଳନ ଆକଳନ ଉପକରଣ ଆଦିରେ ସହାୟତା ଜରିଆରେ କର୍ପୋରେଟ୍ ପ୍ରଶାସନ ସଂସ୍କୃତି ସୃଷ୍ଟି କରିବା ଭଳି ପଦକ୍ଷେପ ଜରିଆରେ ଏମଏଫଆଇ ଗୁଡ଼ିକୁ ଋଣ ଏବଂ ଇକ୍ୟୁଟି ସହଯୋଗ ଯୋଗାଇ ଦିଆଯାଇଛି। ମାଇକ୍ରୋଫାଇନାନ୍ସ ଉଦ୍ୟୋଗକୁ ଦୁର୍ବଳ ପ୍ରାରମ୍ଭ ଠାରୁ ଏକ ସମ୍ପୂର୍ଣ୍ଣ ଉଦ୍ୟୋଗରେ ପରିଣତ ହେବା ପର୍ଯ୍ୟନ୍ତ ସହଯୋଗ ଯୋଗାଇ ଦେବା ବ୍ୟତୀତ ଆମର **8**ଟି ଭାଗିଦାର ଏମଏଫଆଇ ଏସଏଫବି/ସାର୍ବଜନୀନ ବ୍ୟାଙ୍କରେ ପରିଣତ ହୋଇଛନ୍ତି। ବଜାର ଦର ଠାରୁ କମ ସୁଧ ଦରରେ ସିଧାସଳଖ ଏସଆଇଡିବିଆଇରୁ କ୍ଷୁଦ୍ର ଋଣ ଯୋଗାଇ ଦେବା (ସହଭାଗିତା ବ୍ୟବସ୍ଥା ଜରିଆରେ) ଲଘୁ ଋଣ ଯୋଗାଣ ଦିଗରେ ଏକ ଯୁଗାନ୍ତକାରୀ ପଦକ୍ଷେପ ଥିଲା। ପ୍ରୟାସ ଶୀର୍ଷକ ଏହି ପଦକ୍ଷେପ ଅଧୀନରେ, ବ୍ୟାଙ୍କ ସହଭାଗିତା ମଡେଲ ଅଧୀନରେ ବଜାର ଦର ତୁଳନାରେ କମ ସୁଧ ଦରରେ ପିରାମିଡର ନିମ୍ନ ସ୍ତରରେ ଥିବା ଲଘୁ ଋଣଗ୍ରହିତାଙ୍କୁ **50** ହଜାର ଟଙ୍କାରୁ ଆରମ୍ଭ କରି **5** ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଛୋଟ ଟିକେଟ୍ ଆକାରର ଋଣ ଯୋଗାଇ ଦେଉଛି।

## ଇକ୍ୱିଫ୍ୟାକ୍ସ ସମ୍ପର୍କରେ

ଇକ୍ୱିଫ୍ୟାକ୍ସ (ଏନୱାଇଏସଇ:ଇଏଫଏକ୍ସ)ରେ ଆମେ ବିଶ୍ୱାସ କରୁ ଯେ ଜ୍ଞାନ ପ୍ରଗତିକୁ ଆଗେଇ ନେଇଥାଏ। ଏକ ବିଶ୍ୱସ୍ତରୀୟ ତଥ୍ୟ ବିଶ୍ଳେଷଣକାରୀ ଏବଂ ପ୍ରଯୁକ୍ତି କମ୍ପାନୀ ରୂପରେ, ଆମେ ଆର୍ଥିକ ପ୍ରତିଷ୍ଠାନ, କମ୍ପାନୀ, କର୍ମଚାରୀ ଏବଂ ସରକାରୀ ଏଜେନ୍ସିଗୁଡ଼ିକୁ ଅଧିକ ଆତ୍ମବିଶ୍ୱାସର ସହିତ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାରେ ସହାୟତା କରି ବିଶ୍ୱ ଅର୍ଥବ୍ୟବସ୍ଥାରେ ଏକ ଉଲ୍ଲେଖନୀୟ ଭୂମିକା ନିର୍ବାହ କରିଥାଉ। ପାର୍ଥକ୍ୟ ନିର୍ଦ୍ଧାରଣ କରୁଥିବା ତଥ୍ୟ, ବିଶ୍ଳେଷଣାତ୍ମକ ତଥ୍ୟ ଓ କ୍ଲାଉଡ୍ ପ୍ରଯୁକ୍ତିକୁ ନେଇ ଆମର ଅଭିନବ ମିଶ୍ରଣ ଲୋକମାନଙ୍କୁ ଆଗକୁ ବଢ଼ାଇବା ଲାଗି ସଶକ୍ତ ନିଷ୍ପତ୍ତି ଗ୍ରହଣ କରିବା ନିମନ୍ତେ ଅନ୍ତର୍ଦୃଷ୍ଟି ପ୍ରଦାନ କରିଥାଏ। ଆଟଲାଣ୍ଟାରେ ଥିବା ମୁଖ୍ୟାଳୟ ଏବଂ ସାରା ବିଶ୍ୱରେ ୧୧,୦୦୦ରୁ ଅଧିକ କର୍ମଚାରୀଙ୍କ ଦ୍ୱାରା ସମର୍ଥିତ ଇକ୍ୟୁଫାକ୍ସ ଉତ୍ତର ଆମେରିକା, ମଧ୍ୟ ଓ ଦକ୍ଷିଣ ଆମେରିକା, ୟୁରୋପ ଓ ଏସୀୟ ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରର ୨୫ଟି ଦେଶରେ ପରିଚାଳିତ ହୋଇଥାଏ କିମ୍ବା ନିବେଶ କରିଥାଏ। ଅଧିକ ସୂଚନା ପାଇଁ **Equifax.com** ଦେଖନ୍ତୁ।

ଅସ୍ୱୀକରଣ

ମାଇକ୍ରୋଫାଇନାନ୍ସ ପଲ୍ସ (ରିପୋର୍ଟ) ଇକ୍ୟୁଡେକ୍ସ କ୍ରେଡିଟ୍ ଇନପର୍ମେସନ୍ ସର୍ଭିସେସ୍ ପ୍ରାଇଭେଟ୍ ଲିମିଟେଡ୍ (ଇକ୍ୟୁଫ୍ୟାକ୍ସ) ଦ୍ୱାରା ପ୍ରସ୍ତୁତ କରାଯାଇଥାଏ। ରିପୋର୍ଟକୁ ଗ୍ରହଣ କରିବା ଏବଂ ଉପଯୋଗ କରିବା ସମୟରେ, ବ୍ୟବହାରକାରୀ ଏହା ସ୍ୱୀକାର ଓ ଗ୍ରହଣ କରିଥାନ୍ତି ଯେ ଏହାର ଉପଯୋଗ ଏହି ଅସ୍ୱୀକରଣ ଅଧୀନ ଅଟେ। ଏହି ରିପୋର୍ଟ ଡିସେମ୍ବର **2022** ପର୍ଯ୍ୟନ୍ତ ମାଇକ୍ରୋଫାଇନାନ୍ସ ସଂସ୍ଥା ଓ ଇକ୍ୟୁଫ୍ୟାକ୍ସର ସଦସ୍ୟମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ସୂଚନାର ସଂକଳନ ଉପରେ ଆଧାରିତ। ଅନ୍ୟପକ୍ଷରେ ଇକ୍ୱିଫ୍ୟାକ୍ସ ରିପୋର୍ଟ ପ୍ରସ୍ତୁତ କରିବାରେ ଉଚିତ୍ ସତର୍କତା ଅବଲମ୍ବନ କରିଥାଏ, ଏହା ମାଇକ୍ରୋଫାଇନାନ୍ସ ସଂସ୍ଥା ଦ୍ୱାରା ପ୍ରସ୍ତୁତ କରାଯାଇଥିବା ଭୁଲ କିମ୍ବା ଅପର୍ଯ୍ୟାପ୍ତ ସୂଚନା କାରଣରୁ ଉତ୍ପନ୍ନ ହେଉଥିବା ସଠିକତା, ତ୍ରୁଟି ଏବଂ/କିମ୍ବା ଭୁଲ୍ ପାଇଁ ଦାୟୀ ରହିବ ନାହିଁ। ଏହାବ୍ୟତୀତ ରିପୋର୍ଟରେ ଥିବା ସୂଚନା ପର୍ଯ୍ୟାପ୍ତ କିମ୍ବା ପୂର୍ଣ୍ଣ ଏବଂ/କିମ୍ବା କୌଣସି ସ୍ୱତନ୍ତ୍ର ଉଦ୍ଦେଶ୍ୟରେ ପ୍ରୟୋଗ ଲାଗି ଏହାର ଉପଯୋଗିତାକୁ ନେଇ ଇକ୍ୱିଫ୍ୟାକ୍ସ କୌଣସି ଗ୍ୟାରେଣ୍ଟୀ ଦିଏ ନାହିଁ। ଅଥବା ଏହି ରିପୋର୍ଟକୁ ହାସଲ କରିବା କିମ୍ବା ଏହା ଉପରେ ନିର୍ଭର କରିବା ପାଇଁ ଇକ୍ୱିଫ୍ୟାକ୍ସ କୌଣସି ପ୍ରକାରରେ ଉତ୍ତରଦାୟୀ ନୁହେଁ ଏବଂ ଏଭଳି ସମସ୍ତ ଦାୟିତ୍ୱକୁ ଇକ୍ୱିଫ୍ୟାକ୍ସ ଅସ୍ୱୀକାର କରିଥାଏ। ଏହି ରିପୋର୍ଟ କୌଣସି ଆବେଦନ, ଉତ୍ପାଦକୁ ଅସ୍ୱୀକାର/ଖାରଜ କରିବା ପାଇଁ ସୁପାରିସ କରେ ନାହିଁ ଏବଂ (**1**)ସମ୍ପୃକ୍ତ ବ୍ୟକ୍ତିବିଶେଷ/ସଂସ୍ଥାକୁ ଋଣଦେବା କିମ୍ବା ନଦେବା (**2**) କିମ୍ବା କୌଣସି ଆର୍ଥିକ ନେଣଦେଣରେ ସମ୍ପୃକ୍ତ ରହିବା କିମ୍ବା ନରହିବାକୁ ଇକ୍ୱିଫ୍ୟାକ୍ସ ଦ୍ୱାରା ସୁପାରିସ କରାଯାଏ ନାହିଁ। ରିପୋର୍ଟରେ ସାମିଲ ରହିଥିବା ସୂଚନା ପରାମର୍ଶ ନୁହେଁ ଏବଂ ବ୍ୟବହାରକାରୀ ଏହି ରିପୋର୍ଟରେ ସାମିଲ ଥିବା ସୂଚନାକୁ ଆଧାର କରି କୌଣସି ନିଷ୍ପତ୍ତି ନେବା ପୂର୍ବରୁ ସମସ୍ତ ଆବଶ୍ୟକ ବିଶ୍ଳେଷଣ କରିବା ଉଚିତ୍ ଯାହା ତାଙ୍କ ରାୟରେ ବିବେକପୂର୍ଦ୍ଦ ହୋଇଥିବ। ରିପୋର୍ଟର ଉପଯୋଗ କ୍ରେଡିଟ୍ ସୂଚନା କମ୍ପାନୀ (ନିୟାମକ) ଆଇନ, **2005**, କ୍ରେଡିଟ୍ ସୂଚନା କମ୍ପାନୀ ନିୟାମକ **2006**, କ୍ରେଡିଟ୍ ସୂଚନା କମ୍ପାନୀ ନିୟମ **2006**ର ବ୍ୟବସ୍ଥା ଦ୍ୱାରା ପରିଚାଳିତ ହୋଇଥାଏ। ରିପୋର୍ଟର କୌଣସି ଭାଗକୁ ବିନା ଅନୁମତିରେ କପି କରିବା, ପ୍ରସାରଣ, ପ୍ରକାଶନ କରିବା ଉଚିତ୍ ନୁହେଁ।

## ଯୋଗାଯୋଗ ଠିକଣା

ଇକ୍ୟୁଫ୍ୟାକ୍ସ କ୍ରେଡିଟ୍ ଇନ୍‌ଫରମେସନ୍ ସର୍ଭିସେସ୍ ପ୍ରାଇଭେଟ୍ ଲିମିଟେଡ୍

ୟୁନିଟ ନଂ 931, 3ୟ ମହଲା, ଘର ନଂ. 9, ସଲିଟାୟାର କପେ
ାରେଟ ପାର୍କ, ଅନ୍ଧେରି ଘାଟକୁପର ଲିଙ୍କ ରୋଡ୍, ଅନ୍ଧେରି (ପୂର୍ବ),
ମୁମ୍ବାଇ - 400 093

ଟୋଲ୍ ଫ୍ରି ନଂ.: 1800 2093247
ecissupport@equifax.com

ସ୍ମଲ୍ ଇଣ୍ଡଷ୍ଟ୍ରିଜ୍ ଡେଭଲପମେ ବ୍ୟାଙ୍କ ଅଫ୍ ଇଣ୍ଡିଆ

ସାବଲମ୍ବନ ଭବନ, ପ୍ଲଟ ନଂ. ସି-11 ‘ଜି’ ବ୍ଲକ,
ବାଣ୍ଡ୍ରା କୁର୍ଲା କମ୍ପ୍ଲେକ୍ସ, ବାଣ୍ଡ୍ରା (ପୂର୍ବ),
ମୁମ୍ବାଇ - 400 093, ମହାରାଷ୍ଟ୍ର

ଟୋଲ୍ ଫ୍ରି ନଂ.: 1800 226753
www.sidbi.in/en

କପିରାଇଟ © 2023, ଇକ୍ୱିଫ୍ୟାକ୍ସଆଇଏନସି., ଆଟଲାଣ୍ଟା, ଜର୍ଜିଆସର୍ବସ୍ୱତ୍ୱ ସଂରକ୍ଷିତାଇକ୍ୱିଫ୍ୟାକ୍ସ ହେଉଛିଇକ୍ୱିଫ୍ୟାକ୍ସଆଇଏନସି.ରଏକ ପଞ୍ଜିକୃତ ଟ୍ରେଡମାର୍କ